# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 September - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାର ଶୁଭାରମ୍ଭ ପାଇଁ ପ୍ରଧାନମନ୍ତ୍ରୀ ଆସନ୍ତା ୧୭ ତାରିଖ ଦିନ ଓଡ଼ିଶା ଆସିବେ; ସୂଚନା ଦେଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ
- ସୁଭଦ୍ରା ଯୋଜନାର ସବୁ ବର୍ଗର ହିତାଧିକାରୀମାନଙ୍କୁ ସାମିଲ କରିବା ନେଇ ବିଧାନସଭାରେ ହଟ୍ଟଗୋଳ

– ଗୃହ କାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଜେପିର ନୂଆ ସଦସ୍ୟ ସାମିଲ ଅଭିଯାନ

ଏବଂ

- ନଡ଼ିଆ ଚାଷ ସମ୍ପର୍କରେ ସଚେତନ କରିବା ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ନାରିକେଳ ଦିବସ

*HS*

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏହି ସୂଚନା ଦେଇ କହିଛନ୍ତି, ୧୭ ତାରିଖରେ ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ସେହି ଦିନ ଏହି ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି।

*BBSR/R*

## ବିଧାନସଭା-୧

ରାଜ୍ୟର ସମସ୍ତ ଶ୍ରେଣୀର ଏବଂ ବୟସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ  କରିବା ଦାବି ନେଇ ବିରୋଧୀ ଦଳ ପକ୍ଷରୁ ଆଜି ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରାଯାଇଛି। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏହି ଦାବି ନେଇ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ। ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ମାନ ଦେଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ୧୦ଟା ୩୯ରୁ ୧୧ଟା ୩୭ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ତେବେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ହଟ୍ଟଗୋଳ ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ୧୧ଟା ୩୭ରୁ ୧୨ଟା ୫ ଏବଂ ୧୨ଟା ୫ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ତେବେ ଅପରାହ୍ଣ ୧ଟା ବେଳେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି

ବିରୋଧୀଙ୍କ ପକ୍ଷରୁ ପୁନର୍ବାର ହଟ୍ଟଗୋଳ ଆରମ୍ଭ ହୋଇଥିଲା । ବାଚସ୍ପତି ବିରୋଧୀ ସଦସ୍ୟଙ୍କୁ ନିଜ ଆସନକୁ ଫେରିଯିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ଯ ତାହା ଫଳପ୍ରଦ ହୋଇ ନ ଥିଲା । ଫଳରେ ବାଚସ୍ପତି ଗୃହକୁ ଗୋଟାଏ ୨ ମିନିଟ୍‌ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

***BBSR/R***

## ବିଧାନସଭା-୨

ରାଜ୍ୟର ସବୁ ଗ୍ରାମକୁ ମୋବାଇଲ ନେଟ୍‌ୱର୍କ ସୁବିଧା ଯୋଗାଇ ଦେବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ରାଜ୍ୟର ମୋଟ ୩ ହଜାର ୫୧୦ଟି ଗ୍ରାମରେ ମୋବାଇଲ ନେଟ୍‌ୱର୍କ ସେବା ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧ ହଜାର ୬୨ଟି ଗାଁରେ ଏହି ସୁବିଧା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ତେବେ କୋରାପୁଟ ଜିଲ୍ଲାର ସବୁ ଗାଁକୁ ଆସନ୍ତା ଡିସେମ୍ବର ସୁଦ୍ଧା ମୋବାଇଲ ନେଟ୍‌ୱର୍କ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ।

***BBSR/R***

## ବିଧାନସଭା-୩

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସବୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନୁପ୍ରବେଶକାରୀଙ୍କ ଚିହ୍ନଟ ପାଇଁ ତହସିଲ, ବ୍ଲକ ଏବଂ ଥାନା ସ୍ତରରେ କମିଟି ଗଠନ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ମୋଟ ୩ ହଜାର ୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ରାଜ୍ୟରେ ବସବାସ କରୁଥିଲେ। ସେଥିମଧ୍ୟରୁ କେନ୍ଦ୍ରାପଡ଼ାରେ ସର୍ବାଧିକ ୧ ହଜାର ୬୪୯ ଏବଂ ଜଗତସିଂହପୁରରେ ୧ ହଜାର ୧୧୨ ଜଣଙ୍କୁ ଚିହ୍ନଟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

***Desk***

## ଜଗନ୍ନାଥ ଜମି ବିକ୍ରି

ପୁରୀ ସହରର ବିଭିନ୍ନ ସ୍ଥାନରେ ରହିଥିବା ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ଜମି କିଣିବାକୁ ୪ ହଜାର ୩୨୭ ଜଣ ବ୍ୟକ୍ତି ଦରଖାସ୍ତ କରିଛନ୍ତି। ସେଥିମଧ୍ୟରୁ ୫୮୭ ଜଣଙ୍କୁ ୨୪ ଏକର ୭୦୬ ଡିସିମିଲ୍ ଜମି ବିକ୍ରି କରାଯାଇସାରିଛି। ଏଥିରୁ ମିଳିଥିବା ଅର୍ଥ ଶ୍ରୀଜୀଉଙ୍କ ନମରେ ବ୍ୟାଙ୍କରେ କର୍ପସ ଫଣ୍ଡ ଆକାରରେ ଜମା କରାଯାଇଛି। ଅବଶିଷ୍ଟ ଦରଖାସ୍ତଗୁଡ଼ିକ ବର୍ଷକ ମଧ୍ୟରେ ଫଇସଲା କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଠାକୁରଙ୍କର ଜମି ବିକ୍ରି ବ୍ୟବସ୍ଥାକୁ ଅଧିକ ସରଳ ଏବଂ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଭୂସମ୍ପତ୍ତି ପରିଚାଳନା ଅଧିନିୟମ ୨୦୨୪ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି।

*Desk*

# ସ୍ୱଚ୍ଛତା ପକ୍ଷ

ରାଜ୍ୟରେ ଆଜିଠାରୁ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସଫେଇ, ସ୍ୱଚ୍ଛତା ଏବଂ ପରିମଳକୁ ଗୁରୁତ୍ୱ ଦିଆଯିବ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱଚ୍ଛତା ଶପଥପାଠ କରାଯିବା ସହ ଆସନ୍ତାକାଲି ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ସେହିପରି ବୁଧବାର ଏବଂ ଗୁରୁବାର ଦିନ ପ୍ରତ୍ୟେକ ସାହି, ବସ୍ତି ଗୁଡ଼ିକରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ସ୍ୱଚ୍ଛତାପକ୍ଷ ପାଳନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମାନ ଆୟୋଜନ କରାଯିବ ।

*HS*

# ବିଜେପି ସଦସ୍ୟତା ଅଭିଯାନ

ରାଜ୍ୟରେ ଆସନ୍ତାକାଲିଠାରୁ ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏଥିସହ ଦଳୀୟ ସଦସ୍ୟଙ୍କର ମଧ୍ୟ ପୁନଃନବୀକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କର ଆଜି ସଦସ୍ୟତା ନବୀକରଣ କାର୍ଯ୍ୟ ଅନୁଷ୍ଠିତ ହେବ। ଦଳର ରାଜ୍ୟସଭାପତି, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ଅନ୍ୟାନ୍ୟ ଦଳୀୟ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କର ସଦସ୍ୟତା ନବୀକରଣ ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଦଳର ରାଜ୍ୟଶାଖା ସଭାପତି ମନମୋହନ ସାମଲ ଏ

ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଘରକୁ ଘର ଯାଇ ସମାଜର ସବୁସ୍ତରର ଲୋକଙ୍କୁ ସଦସ୍ୟତା ପାଇଁ ପଦକ୍ଷେପ ନିଆଯିବ। ଓଡ଼ିଶାରେ ଦଳର ପ୍ରାୟ ୪୨ ଲକ୍ଷ ସଦସ୍ୟ ରହିଛନ୍ତି ବୋଲି ସେ କହିଛନ୍ତି। ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଅକ୍ଟୋବର ୨ରୁ ୧୫ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

***Desk***

## ଗଣେଶ ମୂର୍ତ୍ତି ଗଢ଼ିବା ମାର୍ଗଦର୍ଶିକା

ଆଗାମୀ ଗଣେଶ ପୂଜା ପାଇଁ ଠାକୁରଙ୍କର ଗଢ଼ା ଯାଉଥିବା ମୂର୍ତ୍ତିଗୁଡ଼ିକୁ ଯାଞ୍ଚ କରାଯିବ ବୋଲି କମିଶନରେଟ ପୁଲିସ କହିଛି। ବିକୃତ ମୂର୍ତ୍ତି ନ ଗଢ଼ିବାକୁ କାରିଗରମାନଙ୍କୁ ପରାମର୍ଶ ଦିଆଯାଇଛି। ନିର୍ଦ୍ଦେଶ ଅମାନ୍ୟ କରି ମୂର୍ତ୍ତି ଗଢ଼ାଗଲେ ପୁଲିସ ପକ୍ଷରୁ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ସଂସ୍କୃତି, ପୂଜାବିଧି, ପରମ୍ପରା ଏବଂ ଧାର୍ମିକ ଭାବନାକୁ କ୍ଷୁଣ୍ଣ କଲାଭଳି ପ୍ରତିମା ପ୍ରସ୍ତୁତ ନ କରିବାକୁ କାରିଗରଙ୍କୁ ପୁଲିସ ପକ୍ଷରୁ କୁହାଯାଇଛି।

***Desk***

## ବୈଦେଶିକ ମୁଦ୍ରାଭଣ୍ଡାର ବୃଦ୍ଧି

ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୬୮୧ ଦଶମିକ ୬/୮/୮ ବିଲିୟନ ଡଲାରରେ ପହଁଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଏ ପର୍ଯ୍ୟନ୍ତ ବୈଦେଶିକ ମୁଦ୍ରାଭଣ୍ଡାରରେ

୬୦ ବିଲିୟନ ଡଲାର ବୃଦ୍ଧି ଘଟିଲାଣି। ଗତ ବର୍ଷ ଏହି ସମୟ ସୁଦ୍ଧା ବୈଦେଶିକ ମୁଦ୍ରାଭଣ୍ଡାରରେ ୫୮ ବିଲିୟନ ଡଲାର ବୃଦ୍ଧି ହୋଇଥିଲା। ମୁଦ୍ରାଭଣ୍ଡାରର ସ୍ଥିତିକୁ ସଠିକ ସ୍ତରରେ ରଖିବା ପାଇଁ ବୈଦେଶିକ ମୁଦ୍ରା ବିନିମୟ କାରବାର ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଆର୍‌ବିଆଇ କହିଛି।

*Rayagada*

## ଜାତୀୟ ଶିକ୍ଷକ ପୁରସ୍କାର

ରାୟଗଡ଼ା ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟରତ ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ ଜାତୀୟ ଶିକ୍ଷକ ପୁରସ୍କାର-୨୦୨୪ ପାଇଁ ମନୋନୀତ ହୋଇଛନ୍ତି। ଗୁରୁଦିବସ ଅବସରରେ ଆସନ୍ତା ୫ ତାରିଖ ଦିନ ନୂଆଦିଲ୍ଲୀଠାରେ ଡକ୍ଟର ସାହୁ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିବେ। ସାଧାରଣ ଜ୍ଞାନ ସହିତ ଜନଜାତି ପିଲାଙ୍କୁ ସେମାନଙ୍କ ସଂସ୍କୃତି ଓ ପରମ୍ପରା ମାଧ୍ୟମରେ ନିଆରା ପ୍ରଶିକ୍ଷଣ ପ୍ରଦାନ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ସେ ୧୮ଟି ପୁସ୍ତକ ମଧ୍ୟ ରଚନା କରିଛନ୍ତି। ଜନଜାତି ଶିକ୍ଷା, ସଂସ୍କୃତି ଓ ଗବେଷଣାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଡକ୍ଟର ସାହୁ ବିଭିନ୍ନ ଜାତୀୟ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି।

*Sonepur*

## ପୁରାଉଆଁସ ପର୍ବ

ଭାଦ୍ରବ ସପ୍ତପୁରୀ ଅମାବାସ୍ୟା ତିଥିରେ ସମ୍ବଲପୁର ଜିଲ୍ଲାରେ ଆଜି ପୁରାଉଆଁସ ପର୍ବ ପାଳନ କରାଯାଉଛି । ଗ୍ରାମୀଣ ଲୋକ ସଂସ୍କୃତିର ନିଚ୍ଛକ ପ୍ରତିଫଳନ ଏହି ଲୋକପର୍ବ ପାଳନ ସହ ଆଜି ସନ୍ଧ୍ୟାରେ ଲଙ୍କାପୋଡ଼ି ମହୋତ୍ସବ ମଧ୍ୟ ପାଳିତ ହୋଇଛି । ସୁବର୍ଣ୍ଣପୁରର ମୁଖ୍ୟତଃ ଗଡ଼ଜାତ ଅଞ୍ଚଳରେ  ପାଳନ କରାଯାଉଥିବା ଏହି ପର୍ବ ବହୁ ପୁରାତନ ।

***Nabarangpur***

## କୁଇଜ୍ ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୪-୨୫ ଯୋଜନା ଅନ୍ତର୍ଗତ  କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଉମରକୋଟ ସରକାରୀ ସଦାଶିବ ସୁକୁମାର ଉଚ୍ଚବିଦ୍ୟାଳୟ ଏବଂ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୬୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉପକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି ।

***Ganjam***

## ଅଭିଯୋଗ ଶୁଣାଣି

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦ ଜଉଗଡ଼ ସମ୍ମିଳନୀ କକ୍ଷରେ ଆଜି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳର ଆସିଥିବା ଲୋକ ବାର୍ଦ୍ଧକ୍ୟ ଭତ୍ତା ଇନ୍ଦିରା ଆବାସ ଭଳି

ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନ୍ନା ଏହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

***Gajapati***

## ପିଏମ୍ ଜନମନ ଯୋଜନା ସଚେତନତା

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ରୁଢ଼େଇ ଏବଂ ବନ୍ତିଲଡ଼ା ଗ୍ରାମଠାରେ ପିଏମ୍ ଜନମନ ଯୋଜନା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ସରପଞ୍ଚ ଓ ୱାର୍ଡମେମ୍ବର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଯୋଜନାର ସୁଫଳ ସମ୍ପର୍କରେ ସୂଚନା ଦେଇଥିଲେ।

***Ganjam***

## ଗଞ୍ଜାମ- ଡେଙ୍ଗୁ ଆକ୍ରାନ୍ତ

ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୫୫ରେ ପହଁଞ୍ଚିଛି। ସେଥିମଧ୍ୟରୁ ୩୧ ଜଣ ବାହାର ରାଜ୍ୟରୁ ଆସିଥିବା ସଂକ୍ରମିତ ଅନ୍ତର୍ଭୁକ୍ତ। ଏ ପର୍ଯ୍ୟନ୍ତ ୧ ହଜାର ୭୭୮ ଜଣଙ୍କର ରକ୍ତନମୂନା ପରୀକ୍ଷା କରାଯାଇଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଡେଙ୍ଗୁ ରୋଗୀଙ୍କର ଚିକିତ୍ସା ପାଇଁ ଏମ୍.କେ.ସି.ଜି. ମେଡିକାଲରେ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

*Desk*

## ବିଶ୍ୱ ନାରିକେଳ ଦିବସ

ବିଶ୍ୱ ନାରିକେଳ ଦିବସ ଆଜି ପାଳନ କରାଯାଉଛି। ନଡ଼ିଆ ଚାଷ ସମ୍ପର୍କରେ ଜନସଚେତନତା ବୃଦ୍ଧି ନେଇ ଏହି ଦିବସ ପାଳନ କରାଯାଉଛି। ଭାରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳ ଅଧିକ ଗୁରୁତ୍ୱବହନ କରିଥାଏ। ୨୦୦୯ ସେପ୍ଟେମ୍ବର ୨ ତାରିଖରେ ଏସିଆ-ପ୍ୟାସିଫିକ କୋକୋନଟ୍ କମ୍ୟୁନିଟି ଗଠନ କରାଯାଇଥିଲା। ନଡ଼ିଆ ଉତ୍ପାଦନରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିଛି। ଏହି ଉପଲକ୍ଷେ ଆଜି ବିଭିନ୍ନ ସ୍ଥାନରେ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

*Desk*

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ଉପରମୁଣ୍ଡରେ ବର୍ଷାର ପ୍ରଭାବ କମ୍ ରହିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବାହ କମିଛି । ଡ୍ୟାମ କର୍ତ୍ତୃପକ୍ଷ ଆଜି ସମସ୍ତ ଗେଟ୍‌କୁ ବନ୍ଦ କରିଛନ୍ତି । ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବା ବେଳେ ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୬୨୨ ଦଶମିକ ୩/୯ ଫୁଟ ରହିଛି ।

**********************************